# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 3 December – 2025

# ଜନଗଣନା

ଦେଶରେ ଆସନ୍ତା ଅପ୍ରେଲ୍ ମାସରୁ ୨୦୨୭ମସିହା ଫେବୃୟାରୀ ମାସ ମଧ୍ୟରେ ୨ଟି ପର୍ଯ୍ୟାୟରେ ଜନଗଣନା ହେବ ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି । ଲୋକସଭାରେ ଗତକାଲି ସଦସ୍ୟ ରାହୁଲ ଗାନ୍ଧୀଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଏପ୍ରିଲ୍ରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନାରେ ଘର ଗଣତି ହେବ । ୨୦୨୭ ଫେବୃୟାରୀ ମାସରୁ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ। ତେବେ ଅଧିକ ଶୀତ ଥିବା ସ୍ଥାନଗୁଡ଼ିକରେ ଆସନ୍ତା ବର୍ଷ ଅକ୍ଟୋବର ମାସରୁ ଜନଗଣନା କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ରାୟ ସୂଚନା ଦେଇଛନ୍ତି ।

# ବିଧାନସଭା

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନରେ ଗତକାଲି ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୫ ଗୃହୀତ ହୋଇଛି । ଗୃହରେ ଏ ସଂପର୍କରେ ଆଲୋଚନାରେ ଭାଗ ନେଇ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଏହି ବିଲ୍ରେ ସମୁଦାୟ ୧୬ଟି ଆଇନରେ ସଂଶୋଧନ ପାଇଁ ପଦକ୍ଷେପ ନିଆଯାଇଛି। ଅନେକ ଆଇନଗତ ବ୍ୟବସ୍ଥାର ସରଳୀକରଣ କରାଯାଇଛି। ଏଥିରେ ଅପରାଧୀମାନଙ୍କ ପାଇଁ କଠୋର ଦଣ୍ଡବିଧାନ ବ୍ୟବସ୍ଥାକୁ ସୁନିଶ୍ଚିତ

କରାଯାଇଛି । ବିଲ୍‌ରେ ଟିକସ ଚୋରି ପାଇଁ ମଧ୍ୟ ସ୍ୱତନ୍ତ୍ର ଦଣ୍ଡବିଧାନ ରହିଥିବା ମନ୍ତ୍ରୀ କହିଛନ୍ତି । ବିଧାନସଭାରେ ଆଜି ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସଂଶୋଧନ ବିଲ୍ ୨୦୨୫ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ଡିଏମ୍‌ଏଫ୍

ଭୁବନେଶ୍ୱର ଲୋକସେବା ଭବନରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ-ଡିଏମ୍‌ଏଫ୍ ସଂପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନହିତରେ ଅଧିକ ପାଣ୍ଠି ବିନିଯୋଗ କରିବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଡିଏମ୍‌ଏଫ୍ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ହେଉଥିବା ଗ୍ରାମଗୁଡ଼ିକୁ ଚିହ୍ନଟ କରାଯିବ ସହ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜନବସତିଗୁଡ଼ିକରେ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବୈଠକରେ ବାର୍ଷିକ ୧୦ କୋଟି କିମ୍ବା ତାହାଠାରୁ ଅଧି ସଂଗ୍ରହ ହେଉଥିବା ଜିଲ୍ଲା ଗୁଡ଼ିକରେ ଅନୁଦାନ ବା ଏନ୍‌ଡାଓମେଣ୍ଟ ପାଣ୍ଠି ଗଠନ କରିବାକୁ ନିଷ୍ପତ୍ତି ହୋଇଛି ।

## ମୁଖ୍ୟଶାସନ ସଚିବ-ବୈଠକ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ସମ୍ମିଳନୀ କକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମିତିର ୨୨ତମ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ

ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ରାଜ୍ୟ ବଜେଟ୍ ଯୋଜନା ଅନ୍ତର୍ଭୁକ୍ତ ସ୍ୱାସ୍ଥ୍ୟଭିତ୍ତିକ ପଦକ୍ଷେପ ଓ ସଫଳତା ସଂପର୍କରେ ଆଲୋଚନା କରାଯାଇଥିଲା ।

# ଯୁକ୍ତ ଦୁଇ ପରୀକ୍ଷା ତାରିଖ

ରାଜ୍ୟରେ ଯୁକ୍ତ ଦୁଇ ପରୀକ୍ଷା ନିମନ୍ତେ ଆଜି ତାରିଖ ଘୋଷଣ ହେବ । ଏଥିପାଇଁ ଆସନ୍ତା ୧୫ ତାରିଖରେ ପ୍ରବେଶପତ୍ର ଉପଲବ୍ଧ ହେବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ମିଳିଛି ।

# ଧନୁଯାତ୍ରା-ପ୍ରସ୍ତୁତି ବୈଠକ

ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ୭୮ତମ ବରଗଡ଼ ଧନୁଯାତ୍ରା ମହୋତ୍ସବର ସଫଳ ଆୟୋଜନ ପାଇଁ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହୋତ୍ସବ ଭିତ୍ତିଭୂମିର ଉନ୍ନତି, ଭିଡ଼ ନିୟନ୍ତ୍ରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଉଥିବା ଆର୍ଥିକ ସହାୟତା ରାଶିକୁ ୫୦ଲକ୍ଷରୁ ୧ କୋଟି ଟଙ୍କାକୁ ବୃଦ୍ଧି କରିବା ଲାଗି ଆଲୋଚନା ହୋଇଥିଲା ।

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମାର୍ଗଶୀର ମାସ ଶୁକ୍ଳ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୧୦ଟା

ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

---

## ମଣ୍ଡି

କନ୍ଧମାଳ ଜିଲ୍ଲାରେ ଆସନ୍ତା ୧୯ ତାରିଖରୁ ୨୨ଟି ଧାନମଣ୍ଡି ଖୋଲିବା ପାଇଁ ସ୍ଥିର ହୋଇଛି । ଚଳିତବର୍ଷ ଧାନ ବିକ୍ରି ପାଇଁ ସମୁଦାୟ ୩ ହଜାର ୮୪୫ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି । ସେମାନଙ୍କଠାରୁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୪୪ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

---

## ଭିନ୍ନକ୍ଷମ ଦିବସ

ଦିବ୍ୟାଙ୍ଗମାନଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ବାର୍ତ୍ତାରେ କହିଛନ୍ତି, ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ହେଲେ ସେମାନଙ୍କର ସାମାଜିକ, ଅର୍ଥନୈତିକ ଓ ବୌଦ୍ଧିକ ବିକାଶର ଆବଶ୍ୟକତା ରହିଛି । ଚଳିତବର୍ଷ **ସାମାଜିକ ପ୍ରଗତିକୁ ଆଗେଇ ନେବା ପାଇଁ ଏକ ଭିନ୍ନକ୍ଷମ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବା**ର ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି । ଏହି ଅବସରରେ ଆଜି ଭୁବନେଶ୍ୱରରେ ଆୟୋଜିତ ହେବାକୁଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

---

# କ୍ରୀଡ଼ା ପ୍ରତିଯୋଗିତା

ସୁବର୍ଣ୍ଣପୁରଠାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ସ୍ୱତନ୍ତ୍ର କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏଥିରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ଦୌଡ଼ ପ୍ରତିଯୋଗିତା, ଲମ୍ଫଡିଆଁ ଆଦି ୧୯ଟି କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା ।

---

# ଯୁବୋତ୍ସବ

ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ବିଜେବି ଉଚ୍ଚବିଦ୍ୟାଳୟ ପରିସରରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬ ଓ ପ୍ରଗତିର ସାରଥୀ' ଶୀର୍ଷକ ଯୁବଶକ୍ତି ବାର୍ତ୍ତାକୁ ନେଇ ଯୁବୋତ୍ସବ ପାଳିତ ହୋଇଯାଇଛି । ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଛାତ୍ରଛାତ୍ରୀମାନେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ସହ  ପରିବାର ଏବଂ ଓଡ଼ିଶା ମାଟିର ବିକାଶ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

---

# ଚଇତି

ରାୟଗଡ଼ା ଜିଲ୍ଲା ଲୋକମହୋତ୍ସବ 'ଚଇତି' ଓ ପଲ୍ଲୀଶ୍ରୀମେଳା-୨୦୨୫ର ପ୍ରଚାର ରଥ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ ଭ୍ରମଣ କରି 'ଚଇତି' ସଂପର୍କରେ ପ୍ରଚାର କରିବ ।

---

# ଶୀତ

ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । କୋରାପୁଟ, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାରେ ଘନକୁହୁଡ଼ି ନେଇ ସତର୍କ ସୂଚନା ଜାରି କରାଯାଇଛି ।

..........................................................................